## ଆଜି କେନ୍ଦୁଝର ଆସିବେ ଉତ୍ତରାଞ୍ଚଳ ଆରଡିସି

କେନ୍ଦୁଝର,(ସ୍ୱ.ପ୍ର.):ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶଚନ୍ଦ୍ର ଦଳେଇ ୩ଦିନିଆ କେନ୍ଦୁଝର ଜିଲା ଗସ୍ତରେ ମଙ୍ଗଳବାର ଆସିବାର କାର୍ଯ୍ୟକ୍ରମ ରହିଛି। ସକାଳ ୮ଟାରେ ଆନନ୍ଦପୁର ବ୍ୟାରେଜ ପରିଦର୍ଶନ କରିବା ପରେ ୨ଟା ୩୦ରେ କେନ୍ଦୁଝର ମୁଖ୍ୟାଳୟଠାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ରାଜସ୍ୱ ବିଭାଗର ମାମଲା ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ବୁଧବାର ଦିନ କାନପୁର ବୃହତ ଜଳସେଚନ ପ୍ରକଳ୍ପ ଅଞ୍ଚଳ ଗସ୍ତ କରିବା ସହ ବିଭିନ୍ନ ବିଭାଗର କାମକାର୍ଯ୍ୟର ସମୀକ୍ଷା କରିବେ। ଶୁକ୍ରବାର ଦିନ କ୍ଷେତ୍ର ପରିଦର୍ଶନ କରି ସମ୍ବଲପୁର ଫେରିଯିବେ। ଗସ୍ତକୁ ଆଖିଆଗରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ସଂକ୍ଷେପରେ

### ରାସ୍ତାରେ ଝୁଣ୍ଟିପଡ଼ି ଯୁବକଙ୍କ ଜୀବନ ଗଲା

ବେତନଟୀ,୫।୧୨(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବେତନଟୀ ସାପ୍ତାହିକ ହାଟକୁ ପନିପରିବା କିଣିବାକୁ ଯାଇଥିବା ବେଳେ ରାସ୍ତାରେ ଝୁଣ୍ଟିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେତନଟୀର ସ୍ୱର୍ଗତ ଲମ୍ବୋଦର ନାଥଙ୍କ ପୁଅ ବିଶ୍ୱଜିତ(୪୪)। ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣରେ ବିଶ୍ୱଜିତ ହାଟକୁ ଯାଇଥିବା ବେଳେ ରାସ୍ତାରେ ଝୁଣ୍ଟି ପଡ଼ିଥିଲେ। ତାଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ କଟକ ସ୍ଥାନାନ୍ତର ପାଇଁ ନିଆଯାଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁନର୍ବାର ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ଖଇରା, ୫।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଡୁଙ୍ଗୁରା ପଞ୍ଚାୟତ ସୁବଳିଆ ପାଟଣା ଗ୍ରାମର ଭଗବାନ ବାରିକ(୫୨) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ଭଗବାନ ରବିବାର ବିଳମ୍ବିତ ରାତିରେ ବାହାରକୁ ଶୌଚ ଲାଗି ଯାଇଥିବା ବେଳେ ଏକ ବିଷଧର ସାପ କାମୁଡ଼ିଥିଲା। ପରେ ସେ ଘରକୁ ଚାଲିଆସି ପୁଣି ଶୋଇ ପଡ଼ିଥିଲେ। ସକାଳେ ଯନ୍ତ୍ରଣା ହେବାରୁ ଗୁରୁତର ଅବସ୍ଥାରେ ଖଇରା ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହିଳା ଗୋଷ୍ଠୀର ଅନଶନ

ବାସୁଦେବପୁର,୫।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମୁଆଁ ପଞ୍ଚାୟତର ମହିଳା ମଞ୍ଚ ୯ ଅଧୀନରେ ଆସୁଥିବା ସିଆର୍‌ପି ନିଯୁକ୍ତିକୁ ନେଇ ଉପୁଜିଥିବା ବିବାଦର ସମାଧାନ ଦାବିରେ ମୂଳଡିହି ପଞ୍ଚାୟତ ୯ ଅଧୀନ ୨ ଗୋଷ୍ଠୀର ସଦସ୍ୟାମାନେ ସୋମବାର ପୂର୍ବାହ୍ଣରେ ବ୍ଲକ ପରିସରରେ ଅନଶନ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ୨୦୧୨ଠାରୁ ମଞ୍ଚ ପ୍ରତିଷ୍ଠା ହୋଇ ମହାସଂଘରେ ସାମିଲ ହୋଇଥିଲେ। ସେତେବେଳେ ସିଆର୍‌ପି ଜଣଙ୍କ କ୍ରମାଗତ ଅନୁପସ୍ଥିତ ରହିବାରୁ ୨୦୧୭ଠାରୁ ଏହି ଦାୟିତ୍ୱ ଯୋଗ୍ୟତା ଆଧାରରେ ଶ୍ରଦ୍ଧାଞ୍ଜଳି ଜେନାଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ପୁନର୍ବାର ଏବେ ଏହି ପଦବୀରେ ଉକ୍ତ ମହିଳାଙ୍କୁ ଅବସ୍ଥାପିତ କରିବାକୁ ଉଦ୍ୟମ ହେଉଛି। ଉକ୍ତ ମହିଳାଙ୍କୁ ଏଥିରୁ ଦୂରେଇ ରଖାଯାଉ ବୋଲି ସେମାନେ ଦାବି କରିଥିଲେ। ଅପରାହ୍ଣରେ ଅନଶନକାରୀ ଏବଂ ବିଡିଓଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସିଆର୍‌ପି ଭାବେ କାର୍ଯ୍ୟରତ ଶ୍ରଦ୍ଧାଞ୍ଜଳିଙ୍କ ସପକ୍ଷରେ ଅନଶନକାରୀମାନେ ମତ ରଖିଥିଲେ। ତେବେ ଏନେଇ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେମାନେ ଅନଶନରୁ ଉଠିଥିଲେ।

## ଭଦ୍ରକ ସହର ୮ ଘଣ୍ଟା ବନ୍ଦ

### ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଦାବି

ଭଦ୍ରକ ଅଫିସ,୫।୧୨

ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ କଂଗ୍ରେସ ପକ୍ଷରୁ ସୋମବାର ୮ ଘଣ୍ଟା ବନ୍ଦ ପାଳନ କରାଯାଇଛି। ଏହାର ପ୍ରଭାବରେ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଭଦ୍ରକ ସହରର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ପୁରୁଣା କୋର୍ଟ, ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସହ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଏନାମୁଲ ହକ୍, ତନଭୀର ଖାନ, ସାହିଲ କାଦ୍ରୀ, ରାଜନ ଲାହା, ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ସାବିର ଖାନ, ଜାହୀର ଖାନ, ଜାନ ଖାନ, ଫରିଆଦ ଖାନଙ୍କ ସମେତ ଶତାଧିକ କର୍ମୀ ପିକେଟିଂ କରି ବନ୍ଦ କରିଥିଲେ। ସେହିପରି ଯୁବ କଂଗ୍ରେସର ଇଲିୟାସ ଅଲ୍ଲୀ ଖାନ, ଟୋନୀ ଅଲ୍ଲୀ, ହେମନ୍ତ ମହାପାତ୍ର ପ୍ରମୁଖ ୧୬ ନଂ. ଜାତୀୟ ରାଜପଥକୁ ୨ଘଣ୍ଟା ପାଇଁ ଅବରୋଧ କରିଥିଲେ। ସହରର ବନ୍ତ ଛକ, ବାଇପାସ୍, ଚରମ୍ପା, ନୂଆ ବସ୍‌ଷ୍ଟାଣ୍ଡ ଆଦି ମୁଖ୍ୟ ଛକରେ କଂଗ୍ରେସ କର୍ମୀମାନେ ରାସ୍ତା ଉପରେ ବସି ରହି ବନ୍ଦ ପାଳନ କରିଥିଲେ।



ବନ୍ତ ଛକଠାରେ ବନ୍ଦ ପାଳନ ଅବସରରେ କଂଗ୍ରେସ ନେତା ଓ କର୍ମୀ।

ଏହି ବନ୍ଦକୁ ସମର୍ଥନ ଜଣାଇ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାନ୍‌ଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି, ଜିଲା ସଭାପତି ସୁବ୍ରତ ଦାସ, ପୂର୍ବତନ କାଉନସିଲର

### ସମର୍ଥନ ଜଣାଇଲେ ବିଭିନ୍ନ ସଙ୍ଗଠନ

ଅସରଫ ଅଲ୍ଲୀ ଖାନ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍, ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଡା. ହରେକୃଷ୍ଣ ନାୟକ, ଅଭୟ ଦ୍ୱିବେଦୀ, ସଂଗ୍ରାମ ଆଚାର୍ଯ୍ୟ, ସୁଧାକର ରାଉତ, ଜାହିଦ ହବିବ୍, ଦିଗମ୍ବର ଦାସ, ଦେବେନ୍ଦ୍ର ମହାନ୍ତି, ବିଜୟ ବାରିକ, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉଛି ଜିଲାବାସୀଙ୍କ ହକ୍। ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଭଦ୍ରକବାସୀ ଏବେ ସେମାନଙ୍କ ହକ୍‌ରୁ ବଞ୍ଚିତ। ଭୌଗୋଳିକ ଦୃଷ୍ଟିକୋଣରୁ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ଅତ୍ୟନ୍ତ ଜରୁରୀ ବୋଲି ସେମାନେ ମତ ରଖିଥିଲେ। ସେହିପରି ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ମଧ୍ୟ ନେତୃମଣ୍ଡଳୀ ଦୃଢ଼ ଦାବି କରିଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମଦିବସକୁ ଛୁଟି ଘୋଷଣା ଦାବିରେ ଧାରଣା

ବାରିପଦା ଅଫିସ,୫।୧୨

ସ୍ୱତନ୍ତ୍ର ଓଡ଼ିଶା ଗଠନର ଅନ୍ୟତମ ପୁରୋଧା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମ ଦିବସକୁ ଛୁଟି ଦିବସ ଭାବେ ଘୋଷଣା କରିବାକୁ ଦାବି ହୋଇଛି। ସୋମବାର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ବାରିପଦାସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତି ତଳେ ବସି ଦାବି ଉପସ୍ଥାପନା କରିଥିଲେ। ଏହା ପରେ ସମସ୍ତେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଜିଲାବାସୀଙ୍କ ଦାବିକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଆ ଜାଗରଣ ମଞ୍ଚର ସମ୍ପାଦକ ଶରତ ନାୟକ, ସାହିତ୍ୟ ପରିଷଦର ଭାଗବତ ପଣ୍ଡା, ଡ. ଜଗତବନ୍ଧୁ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ଦାସ, ଉଦୟ ନାଥ ଜେନା, ଗୋଲକ ମହାନ୍ତ, ଦୋଳଗୋବିନ୍ଦ ମହାନ୍ତ, ପୀତାମ୍ବର ମଲ୍ଲିକ, ସୁରେଶ କୁମାର ପାଣିଗ୍ରାହୀ, ନନ୍ଦଲାଲ ସିଂ, ଭୋଲାଲାଲ ଗୁପ୍ତା, ଖବରଦାତା ଦୀପକ କୁମାର ନାୟକ, ଦିଲ୍ଲୀପ ପାତ୍ର , ସୁକାନ୍ତ ଜୀଉ ପ୍ରମୁଖ ଧାରଣାରେ ସାମିଲ ଥିଲେ।




ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାକାରୀ ।

## 'ସରଗିଫୁଲ ପ୍ରତିଭା ବିକାଶର ଉତ୍କୃଷ୍ଟ ମାଧ୍ୟମ'



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

କୁଳିଅଣା,୫।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଅସନଯୋଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଓ ଜୋନ୍‌ସ୍ତରୀୟ ବିଜ୍ଞାନ ମେଳା, ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ସୁନାରାମ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସରଗିଫୁଲ ଉତ୍କୃଷ୍ଟ ମାଧ୍ୟମ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଡେପୁଟି ଜିଲାପାଳ ସୁଜୟ କୁମାର ପତି, ବିଶିଷ୍ଟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ରୂପଭାନୁ ମିଶ୍ର, ସମ୍ମାନୀୟ ଅତିଥି ସି.ଆଇ. ଚନ୍ଦ୍ରଭାନୁ ମହାପାତ୍ର, କରଞ୍ଜିଆ ପି.ଏ.ଆଇ.ଟି.ଡି.ଏ. ଦେବଦତ୍ତ ମହାନ୍ତ, ବାଲେଶ୍ୱର ଜିଲା ଶିକ୍ଷା ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପାଳ, ମୟୂରଭଞ୍ଜ ଜିଲା ଶିକ୍ଷା ନିରୀକ୍ଷକ ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ୪ ସବ୍ ଡିଭିଜନରୁ ୩୦୦ଜଣ ପ୍ରତିଯୋଗୀ, ମୟୂରଭଞ୍ଜ ଜୋନ୍‌ରୁ(ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ) ୩୨ ବିଜ୍ଞାନ ପ୍ରକଳ୍ପ ଓ ୧୧ ଭଲିବଲ ଦଳ ଭାଗ ନେଇଥିଲେ। ସେଥିମଧ୍ୟରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୧୯, ବିଜ୍ଞାନ ପ୍ରକଳ୍ପରେ ୩ ଓ ଭଲିବଲରେ ବାଳିକାରୁ ଗୋଟିଏ ଓ ବାଳକ ବିଭାଗରୁ ଗୋଟିଏ ଦଳ ମନୋନୀତ ହୋଇଛନ୍ତି। ଦ୍ୱିତୀୟ ଅଧିବେଶନ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନିଲ, ମୁଖ୍ୟବକ୍ତା ପି.ଏ. ଆଇଟିଡିଏ ବାରିପଦା ବସନ୍ତ ସେଠୀ, ସମ୍ମାନୀୟ ଅତିଥି ପି.ଏ. ଆଇଟିଡିଏ. ଉଦଳା ଦେବବ୍ରତ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ସୁନାରାମ ସିଂ, ଅସନଯୋଡ଼ା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଜିଲାପାଳ ପୁରସ୍କାର ପ୍ରଦାନ କରିଥିଲେ। ପରିଚାଳନା କରିଥିଲେ କପ୍ତିପଦା ଦେବଳା ଆଶ୍ରମ ସ୍କୁଲର ଶିକ୍ଷକ ଦୀପକ କୁମାର ଦଣ୍ଡପାଟ।

## ଜଳଖିଆ ତିଆରି ବେଳେ ଟଳି ପଡିଲେ ଦୋକାନୀ

ଖଇରା, ୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବୁଢାଗଡିଆ ଛକର ଜଳଖିଆ ଦୋକାନୀ ଦାମୋଦର ସାହୁ(୮୦) ରବିବାର ଅପରାହ୍ଣରେ ଦୋକାନରେ ଜଳଖିଆ ତିଆରି କରୁଥିବା ବେଳେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ଗୁରୁତର ହୋଇ ପଡିଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସରସ୍ୱତୀଆ ଗ୍ରାମର ଦାମୋଦର ୫୦ବର୍ଷ ଧରି ଉକ୍ତ ଛକରେ ଚା' ଜଳଖିଆ ପ୍ରସ୍ତୁତ କରି ଗରାଖଙ୍କ ପ୍ରିୟ ମଣିଷ ପାଲଟି ଯାଇଥିଲେ। ରାସ୍ତା ତିଆରି ବେଳେ ନିଜର ଦୋକାନ ଉଠିଯିବା ପରେ ଛୋଟିଆ ଝୁମ୍ପୁଡି ତିଆରି କରି ପରିବାର ଚଳାଉଥିଲେ ଏବଂ ମନସ୍ତାପରେ ଥିଲେ। ତାଙ୍କ ମରଶରୀର ବୁଢାଗଡିଆରେ ପହଞ୍ଚିବା ପରେ କାଳିପୂଜା କମିଟି ସଭାପତି ପ୍ରଫୁଲ୍ଲ ଖଣ୍ଡା ଓ ସମ୍ପାଦକ ଅନନ୍ତ ପ୍ରସାଦ ବାରିକ ତଥା ସମସ୍ତ ସଭ୍ୟ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି।।

## ବଳରାମପୁର ଟିମ୍ ଚାମ୍ପିୟନ

### ରାଧାକୃଷ୍ଣ କ୍ରିକେଟ୍ କ୍ଲବ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଲଙ୍ଗଳେଶ୍ୱର, ୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ ଅଧୀନ ରାଧାକୃଷ୍ଣ କ୍ରିକେଟ ପଡ଼ିଆରେ ୧୦ଦିନ ବ୍ୟାପୀ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ସାମାଜିକ କର୍ମୀ ସୁବାସିନୀ ଜେନା ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି, ଅର୍ଥରାଶି ପ୍ରଦାନ କରିଥିଲେ। ୧୦ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବଳରାମପୁର ଏବଂ ବିଷ୍ଣୁପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଳରାମପୁର ଟିମ୍ ବିଷ୍ଣୁପୁର ଟିମ୍‌କୁ ୩ ଉଇକେଟ୍‌ରେ ହରାଇ ବିଜୟୀ ହୋଇଥିଲା। ସାମାଜିକ କର୍ମୀ ନିତ୍ୟାନନ୍ଦ ପାଣିଗ୍ରାହୀ, ଝାଡ଼େଶ୍ୱର ମଲ୍ଲିକ, ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ସଦସ୍ୟ ମୀନକେତନ ଦାସ ମହାପାତ୍ର, ନାଏବ ସରପଞ୍ଚ ମୋହନ କୁମାର ଦେ, ନାଇକୁଡ଼ି ପଞ୍ଚାୟତ ସଦସ୍ୟ ବିଶ୍ୱମ୍ଭର ସ୍ୱାଇଁ, ଚୈତନ୍ୟ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଧାକୃଷ୍ଣ କ୍ରିକେଟ କ୍ଲବ ସଦସ୍ୟ ଦେବାଶିଷ ଦେ, ଓମ୍‌ପ୍ରସାଦ ଭୂୟାଁ, କମଳଲୋଚନ ଗିରି, ଦୀପକ ଦାସ, ହିମାଂଶୁ ସାହୁ, ପ୍ରିୟବ୍ରତ ଜେନା, ମହେଶ୍ୱର ଦାସ ଓ ଆଶିଷ ଦେ ପ୍ରମୁଖ ପରିଚାଳନା କରିଥିଲେ।



କ୍ରିକେଟ୍ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ଝୋଟି, ରଙ୍ଗୋଲି ପ୍ରତିଯୋଗିତା



ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ବାଲେଶ୍ୱର ଅଫିସ, ୫।୧୨

ବାଲେଶ୍ୱର ସହର ଦାମୋଦରପୁର ଅଞ୍ଚଳର ଦେବାଶିଷ ସେଠୀ ସ୍ମୃତି ପରିଷଦ ପକ୍ଷରୁ ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା ସ୍ଥାନୀୟ ଦାମୋଦରଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶୀର ମାସରେ ପାଳିତ ହେଉଥିବା ପ୍ରତ୍ୟେକ ଓଡ଼ିଆ ଘରର ପରମ୍ପରା ରକ୍ଷା କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ମହିଳାଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମାର୍ଗଶୀର ମାସ ଗୁରୁବାର ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଝୋଟି ଅଙ୍କନ ଓ ତୁଳସୀ ଚଉରା ମୂଳେ ରଙ୍ଗୋଲି ବା ମୁରୁଜ ଅଙ୍କନ କରାଯିବା ପରମ୍ପରା ରହିଥିବା ବେଳେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକା, ଯୁବତୀ ଓ ମହିଳାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସ୍ମୃତି କମିଟି ଅଧ୍ୟକ୍ଷା ମୀନତି ସେଠୀ କହନ୍ତି, ପରମ୍ପରା ରକ୍ଷା ସହ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବାର ଏହି ପ୍ରତିଯୋଗିତା ଏକ ସୁନ୍ଦର ପ୍ଲାଟଫର୍ମ। ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏଭଳି ପ୍ରୟାସ ଜାରି ରହିଛି। ମହିଳାଙ୍କୁ ପ୍ରୋତ୍ସାହିତ କରିବା ପାଇଁ କମିଟି ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଥିବା ସୂଚନା ଦେଇଥିଲେ। ସଙ୍ଗଠନର ବହୁ କର୍ମକର୍ତ୍ତା ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ସର୍ବଭାରତୀୟ ସ୍ତରରେ ଗୌରବ ଆଣିଲେ ରୁଦ୍ରନାରାୟଣ

### ଡିଏମ୍ କ୍ଲିନିକାଲ ହେମାଟୋଲୋଜି ସୁପର ସ୍ପେଶାଲିଟି ପ୍ରବେଶିକାରେ ପ୍ରଥମ

ଧାମନଗର, ୫।୧୨ (ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ୧୧ ନମ୍ବର ୱାର୍ଡ ଦକ୍ଷିଣବାଡ଼ ଗ୍ରାମର ଡାକ୍ତର ରୁଦ୍ରନାରାୟଣ ସ୍ୱାଇଁ ଡିଏମ୍ କ୍ଲିନିକାଲ ହେମାଟୋଲୋଜିରେ ସୁପର ସ୍ପେଶାଲିଟି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ସଫଳତା ପାଇ ସେ ଭଦ୍ରକ ଜିଲା ଓ ଧାମନଗର ପାଇଁ ଗୌରବ ଆଣିଛନ୍ତି। ଦକ୍ଷିଣବାଡ଼ ଗ୍ରାମର ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଯାଜପୁର ଜିଲା ରସୁଲପୁରରେ କାର୍ଯ୍ୟରତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶାନ୍ତିଲତା ରାଉତଙ୍କ ପୁଅ ରୁଦ୍ରନାରାୟଣ। ଗ୍ରାମ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ ଧାମନଗର ସରକାରୀ ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ସେ ଉଚ୍ଚଶିକ୍ଷା ଗ୍ରହଣ କରି ୨୦୧୩ରେ କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିଥିଲେ। ୨୦୨୦ରେ ପିଜିଏମ୍ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୨୩ ନମ୍ବର ସ୍ଥାନରେ ରହି ଚଣ୍ଡିଗଡ଼ ମେଡିକାଲ କଲେଜରେ ଏମ୍.ଡି. ମେଡିସିନରେ ଅଧ୍ୟୟନ କରୁଛନ୍ତି। ଗତ ନଭେମ୍ବରରେ ହେମାଟୋଲୋଜିରେ ସୁପର ସ୍ପେଶାଲିଟି କୋର୍ସ ପାଇଁ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଦେଇଥିଲେ। ଗତ ୧ ତାରିଖରେ ଏହି ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି।



ରୁଦ୍ରନାରାୟଣ ସ୍ୱାଇଁ।

ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ୨ଘଣ୍ଟା ବିଳମ୍ବରେ ବିଦ୍ୟାଳୟ ଆସିଲେ ଶିକ୍ଷକ

ମୋରଡା,୫।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବଗଲାଡ଼ିପା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଦୁଇ ଘଣ୍ଟା ବିଳମ୍ବରେ ଜଣେ ଶିକ୍ଷକ ଆସିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବିଦ୍ୟାଳୟରେ ମୋଟ ୨୭ ଜଣ ଛାତ୍ରୀଛାତ୍ର ଥିବା ବେଳେ ଦାୟିତ୍ୱରେ ଅଛନ୍ତି ମାତ୍ର ଜଣେ ଶିକ୍ଷୟିତ୍ରୀ ବାସନ୍ତୀ ହେମ୍ବ୍ରମ। ତେବେ ସେ ଛୁଟିରେ ଥିବାରୁ ଶିକ୍ଷକ ରମିତ କୁମାର ବିନ୍ଧାଣୀଙ୍କୁ ଡେପୁଟେସନରେ ପଠାଯାଇଥିଲା। କିନ୍ତୁ ଶିକ୍ଷକ ବିନ୍ଧାଣୀ ସୋମବାର ୨ଘଣ୍ଟା ବିଳମ୍ବର ବିଦ୍ୟାଳୟକୁ ଆସିଥିଲେ। ଏହି ସମୟ ମଧ୍ୟରେ ପିଲାମାନେ ବାହାରେ ବୁଲୁଥିଲେ। ତେବେ ଶିକ୍ଷକ ବିନ୍ଧାଣୀ ବିଳମ୍ବରେ ଆସିଥିଲେ ମଧ୍ୟ କ୍ଲାସରୁମ୍‌କୁ ନ ଯାଇ ଫୋନ୍‌ରେ ବାର୍ତ୍ତାଳାପ କରୁଥିବା ଦେଖିବାକୁ ମିଳିଥିଲା। ଶିକ୍ଷକ ବିନ୍ଧାଣୀ କୁହନ୍ତି ପହଞ୍ଚିବାରେ ଟିକେ ବିଳମ୍ବ ହୋଇଗଲା। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ମନ ମୋହନ ହେମ୍ବ୍ରମଙ୍କୁ ପଚାରିବାରୁ ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଏବଂ ଏହାର ତଦନ୍ତ କରି ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ବଡ଼ଘାଗରା ପର୍ଯ୍ୟଟନ କେନ୍ଦ୍ରର ହେବ ସୌନ୍ଦର୍ଯ୍ୟକରଣ

### ଜଳସମ୍ପଦ ବିଭାଗ ଖର୍ଚ୍ଚ କରିବ ୨ କୋଟି

କେନ୍ଦୁଝର,୫।୧୨(ସ୍ୱ.ପ୍ର.)

ବହୁ ବର୍ଷ ଧରି ଅବହେଳିତ ହୋଇ ପଡ଼ିଥିବା କେନ୍ଦୁଝର ଜିଲାର ବଡ଼ଘାଗରା ପର୍ଯ୍ୟଟନ କେନ୍ଦ୍ରର ଉନ୍ନତିକରଣ ହେବ। ଏନେଇ ଜଳସମ୍ପଦ ବିଭାଗ ତତ୍ପରତା ଦେଖାଇଛି। ପେରିଫେରାଲ ଡେଭେଲପମେଣ୍ଟ ଅଫ ରିଜରଭ ଆଣ୍ଡ ୱାଟର ବଡି ସ୍କିମ୍‌ରେ ବଡ଼ଘାଗରା ପର୍ଯ୍ୟଟନ କେନ୍ଦ୍ରରେ ଥିବା ସାନମାଛକାନ୍ଦଣା ଡ୍ୟାମର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯିବ। ଏ ନେଇ ଇଞ୍ଜିନିୟରିଂ ଅଫ୍ ଚିଫ, ଜଳସମ୍ପଦ ପକ୍ଷରୁ ବୈତରଣୀ ବେସି, କେନ୍ଦୁଝରଙ୍କୁ ପ୍ରକଳ୍ପର ସବିଶେଷ ରିପୋର୍ଟ ପ୍ରସ୍ତୁତ କରି ପଠାଇବାକୁ ଚିଠି କରାଯାଇଛି।

ସାନମାଛକାନ୍ଦଣା ଡ୍ୟାମରେ ଏକ ମ୍ୟୁଜିୟମ ଓ ପାର୍କ ନିର୍ମାଣ ହେବ। ଏ ବାବଦକୁ ଦୁଇ କୋଟି ଟଙ୍କା ଜଳସମ୍ପଦ ବିଭାଗ ଖର୍ଚ୍ଚ କରିବ। ଫଳରେ ଏଠାରେ ଥିବା ବଡ଼ଘାଗରା ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ପର୍ଯ୍ୟଟକମାନେ ଅଧିକ ସୁବିଧା ପାଇ ପାରିବେ। ଅନ୍ୟପକ୍ଷେ କେନ୍ଦ୍ରକୁ ଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ବେଳେ ପର୍ଯ୍ୟଟକ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ସରିଥିଲେ ହେଁ କାମରେ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଉକ୍ତ ସ୍ଥାନରେ ବିଦ୍ୟୁତ୍ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ସୁରକ୍ଷା ତଥା ଆଶ୍ରୟ ବ୍ୟବସ୍ଥା ନ ଥିବାରୁ ବହୁ ଅସୁବିଧା ଭୋଗୁଛନ୍ତି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ପର୍ଯ୍ୟଟନ ବିଭାଗ ମଧ୍ୟ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ, ପୂର୍ବରୁ କାନଝରୀ ଓ ରେମାଳ ଡ୍ୟାମ ବିକାଶ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ ନେଇ ଜଳସମ୍ପଦ, ପର୍ଯ୍ୟଟନ ବିଭାଗକୁ ନେଇ ପୂର୍ବରୁ ପ୍ରସ୍ତୁତି ସରିଛି। ସାନମାଛକାନ୍ଦଣା ଡ୍ୟାମର ବିକାଶ ପାଇଁ ବୈଠକ ଶୀଘ୍ର ହୋଇ ରିପୋର୍ଟ ପ୍ରସ୍ତୁତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ବଡ଼ଘାଗରା ପର୍ଯ୍ୟଟନ କେନ୍ଦ୍ର।

## ଫ୍ୟାନ୍ ପଡ଼ି ଶିଶୁ ଗୁରୁତର

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ଥାନା ଯୁଗଳକିଶୋରପୁର ଗ୍ରାମରେ ଫ୍ୟାନ ଖସିପଡ଼ି ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ଶିଶୁଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ଆନନ୍ଦପୁର ମୁଖ୍ୟ ଚିକିତ୍ସାୟରେ ଭର୍ତ୍ତି କରିଛନ୍ତି। ଗ୍ରାମର ରବିନ୍ଦ୍ର ସୋରେନଙ୍କ ତିନି ମାସର ପୁଅ ଶୋଇଥିବା ଅବସ୍ଥାରେ ଫ୍ୟାନ ଖସି ଉପରେ ପଡ଼ି ଯାଇଥିଲା। ମୁଣ୍ଡରେ ଆଘାତ ଲାଗିବାରୁ ଅବସ୍ଥା ଗୁରୁତର ରହିଥିବା ଡାକ୍ତର କହିଛନ୍ତି।

### ଆଜି କ'ଣ କେଉଁଠି

ବାଲେଶ୍ୱର
- ୬୦ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ଼ ପଡ଼ିଆ, ସମୟ: ପୂର୍ବାହ୍ନ ୮ଟା।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ

### ଅଭିଯୁକ୍ତ ଜେଲ୍ ଗଲେ

ରୂପସା, ୫।୧୨(ଡି.ଏନ.ଏ.)-ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ଅଭିଯୋଗରେ ପୋଲିସ ବାଲେଶ୍ୱର ଜିଲା ରୂପସା ଥାନା ରାଉତପଡ଼ା ଗ୍ରାମର ଅକ୍ଷୟ ଗିରିଙ୍କୁ ରବିବାର ଗିରଫ କରିଛି। ସିଂଲା ଥାନା ଅଞ୍ଚଳର ଜଣେ ଯୁବତୀ ରୂପସା ଅଞ୍ଚଳରେ ପାଠପଢ଼ିବା ବେଳେ ଅଭିଯୁକ୍ତ ଅକ୍ଷୟଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୪ତାରିଖ ଉକ୍ତ ଯୁବତୀଙ୍କର ଅନ୍ୟତ୍ର ବିବାହ ସ୍ଥିର ହୋଇଥିଲା। ବାହାଘର ବିଷୟରେ ଜାଣିବା ପରେ ଅକ୍ଷୟ ତାଙ୍କର କିଛି ନକଲି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରି ଭାଇରାଲ କରିଥିଲେ। ଯୁବତୀଙ୍କ ପରିବାର ପକ୍ଷରୁ ଏ ସମ୍ପର୍କରେ ରୂପସା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ କରି ଆଇଆଇସି ପ୍ରଫୁଲ୍ଲ ମଲ୍ଲିକ ଏକ ମାମଲା (ନଂ. ୧୦୦/୨୨) ରୁଜୁ କରି ଅକ୍ଷୟଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି। ପୋଲିସ ତାଙ୍କ ନିକଟରୁ ଏକ ମୋବାଇଲ ଜବତ କରି ସୋମବାର କୋର୍ଟଚାଲାଣ କରିଛି।

## ରକ୍ତଦାନ ଶିବିର, ୨୬ ୟୁନିଟ୍ ସଂଗ୍ରହ

ରେମୁଣା, ୫।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ମହାରାଜପୁର ପଞ୍ଚାୟତ ଗୃହରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ ଆଚ୍ଛା ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ମହାରାଜପୁର ପଞ୍ଚାୟତ ସରପଞ୍ଚ ଶରତ ଚନ୍ଦ୍ର ପାଣି ଉଦ୍‌ଘାଟନ କରିଥିଲେ।

ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଆସିଥିବା ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ମହେଶ କୁମାର ବିଶ୍ୱାଳ, ଦେବାଶିଷ ଦତ୍ତ, ବିଜୟ ପଟ୍ଟନାୟକ, କ୍ଷୀରୋଦ ବେହେରା ଓ ହରିଶ୍ ଚନ୍ଦ୍ର ମହାପାତ୍ର ପ୍ରମୁଖ ଦୂରତା ରକ୍ଷା କରି ୨୬ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାମାନଙ୍କୁ ବିଶ୍ରାମ ଗୃହରେ ଫଳମୂଳ, ଅଣ୍ଡା ଓ ଜୁସ୍ ପ୍ରଦାନ କରାଯାଇଥିଲା। ସଙ୍ଗଠନ ପ୍ରଦେଶ ସଭାପତି ବିସ୍ମିତ ରଞ୍ଜନ ଦାସ, ସମ୍ପାଦକ ରାଜେନ୍ଦ୍ର ପାତ୍ର, ମେଡିକାଲ କୋଡିନେଟର୍ ଉଦୟ ଭାନୁ ନାୟକ, ମଳୟ କୁମାର ବେହେରା, ଅଶ୍ୱିନୀ ବେହେରା, ପ୍ରଦୀପ କୁମାର ନାୟକ, ତାପସୀ ଦାଶ, ଭାନୁପ୍ରିୟା ସେଠୀ ଓ ଗୀତାଞ୍ଜଳି ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

ଭୋଗରାଇ, ୫।୧୨(ଡି.ଏନ.ଏ.)-ସୋମବାର ଗୀତା ଜୟନ୍ତୀରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସହୋରିଆ ପଞ୍ଚାୟତ ସହୋରିଆ ଗ୍ରାମରେ ଶ୍ରଦ୍ଧାଳୁମାନେ ବିଶ୍ୱଶାନ୍ତି ମହାଯଜ୍ଞ କରିଛନ୍ତି। ଏହି ଗ୍ରାମର ଶଙ୍କରୀମାତା ଭାଗବତ ଟୁଙ୍ଗୀ ପରିସରରେ ୧୮ତମ ବାର୍ଷିକ ଗୀତା ଜୟନ୍ତୀ ସମାରୋହରେ ବହୁ ପଣ୍ଡିତଙ୍କ ମନ୍ତ୍ର ବେଦପାଠ, ଯଜ୍ଞକୁଣ୍ଡରେ ଘୃତନିକ୍ଷେପ ସହ ଭଗବାନ ଶ୍ରୀକୃଷ୍ଣଙ୍କୁ ଆରାଧନା କରାଯାଇଥିଲା। ସକାଳେ ଗ୍ରାମର ୨ଶହରୁ ଅଧିକ ମହିଳାପୁରୁଷ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଗାଁର ଆବାଳବୃଦ୍ଧବନିତା ଯଜ୍ଞଠାରେ ଏକାଠି ହୋଇ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଐତିହ୍ୟକୁ ଉଜ୍ଜୀବିତ ରଖିବାକୁ ଭାଗବତ ଟୁଙ୍ଗୀ ଗଠନର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଏଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଅଦ୍ୟାବଧି ହୋଇଆସୁଥିବା ବେଳେ ଗାଁର ସାଂସ୍କୃତିକ ଚେତନା ଓ ଭାଇଚାରା ଏକତା ବନ୍ଧନ ବୋଲି ଆୟୋଜକ ଗୋପାଳ ଚନ୍ଦ୍ର ମହାନ୍ତି, ସନ୍ତୋଷ ଗିରି, ପ୍ରଫୁଲ୍ଲ ଗିରି, ଅଜୟ କର, ମନ୍ମଥ କର, ରବୀନ୍ଦ୍ର ପ୍ରଧାନ, ସଚ୍ଚିନ୍ଦ୍ର ମଣ୍ଡଳ, ବଜେନ୍ଦ୍ର ମାହାନା ପ୍ରମୁଖ ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବନ୍ତ,୫।୧୨(ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ଭଣ୍ଡାରିଗଡିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା(୮୦)ଙ୍କ ସୋମବାର ପରଲୋକ ହୋଇଛି। ସେ ଅସୁସ୍ଥ ଥିବାରୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସୋମବାର ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ନାତି ପ୍ରତ୍ୟୁଷ ମୁଖାଗ୍ନି ଦେଇଥିଲେ। ଲକ୍ଷ୍ମୀଧର କେନ୍ଦୁଝର ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ହରିଚନ୍ଦନପୁର ସ୍କୁଲରୁ ଅବସର ନେଇଥିଲେ।

# ଗାଁରେ ଡେରା ପକାଇଲେଣି ବେପାରୀ

ବେତନଟୀ,୫।୧୨(ସ୍ୱ.ପ୍ର.)

ପ୍ରକୃତିର ତାଡ଼ନା ପରେ ଏବେ ସରକାରୀ କଳର ଅବ୍ୟବସ୍ଥା ଭିତରେ ପେଷି ହେଉଛନ୍ତି ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳର ହଜାର ହଜାର ଧାନ ଚାଷୀ। ମଣ୍ଡି ଖୋଲିବାରେ ବିଳମ୍ବ କାରଣରୁ ଅମଳ ଧାନକୁ ପକାଇ ରଖିବା ବଦଳରେ ଯେନତେନ ଉପାୟରେ ବିକ୍ରି କରି ଚିନ୍ତାମୁକ୍ତ ହେବାକୁ ଶ୍ରେୟ ମଣୁଛନ୍ତି। ଚଳିତ ବର୍ଷ ବହୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିଛନ୍ତି। ବର୍ଷ ଆରମ୍ଭରୁ ନିଅଣ୍ଟିଆ ବର୍ଷା ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ଅମଳ ପୂର୍ବରୁ ଲଗାଣ ବର୍ଷା, ଅମଳ ବେଳକୁ ଚକଡ଼ା ପୋକ ସାଙ୍ଗକୁ ପୁଣି ନିଅଣ୍ଟିଆ ବର୍ଷା ଯୋଗୁ ଅଧିକାଂଶ ଅଞ୍ଚଳରେ ଧାନ ଥୋଡ଼


ବିଲ ପାଖରୁ ବେପାରୀ ଧାନ କିଣି ନେଉଛନ୍ତି।

ଠିକ୍ ଭାବରେ ବାହାରି ପାରିଲାନି। ତଥାପି ଚାଷୀ ହାଡ଼ଭଙ୍ଗା ପରିଶ୍ରମ କରି ଚଳିତ ବର୍ଷ ଭଲ ଧାନ ଅମଳ କରିଛନ୍ତି। ତେବେ ଆସନ୍ତା ଡିସେମ୍ବର ୨୦ରେ ବେତନଟୀ ଓ

### ଖୋଲିନାହିଁ ମଣ୍ଡି, ଚାଷ ଜମିରୁ କିଣି ନେଉଛନ୍ତି ଧାନ

ବୈଶିଙ୍ଗା ଅଞ୍ଚଳରେ ମଣ୍ଡି ଖୋଲିବା ନେଇ ପ୍ରଶାସନର ପ୍ରସ୍ତାବ ରହିଛି। କିନ୍ତୁ ଏଥିପାଇଁ ଆନୁଷଙ୍ଗିକ ପ୍ରସ୍ତୁତି ଏପର୍ଯ୍ୟନ୍ତ ସରିନାହିଁ। ଏହା ପୂର୍ବରୁ ସ୍ଥାନୀୟ ଓ ପଶ୍ଚିମବଙ୍ଗ ବେପାରୀ ସେମାନଙ୍କ କାୟାବିସ୍ତାର କରି ସାରିଲେଣି। ବେତନଟୀ ବ୍ଲକ ଅଞ୍ଚଳରୁ କୁଇଣ୍ଟାଲ କୁଇଣ୍ଟାଲ ଧାନ ଚାଲାଣ ହେଉଛି। ଏଠାରେ ମଣ୍ଡିରୁ ଧାନକିଣା ଆଗରୁ ଚାଷୀ ଅମଳ ଧାନକୁ କମ୍ ମୂଲ୍ୟରେ ବେପାରୀଙ୍କୁ ବିକି ଦେଉଛନ୍ତି। ବ୍ଲକ କୃଷି ଓ ଯୋଗାଣ ବିଭାଗ ଏନେଇ ପଦକ୍ଷେପ ଗ୍ରହଣ ନ କରି ନିରବଦ୍ରଷ୍ଟା ସାଜିଛି।

# 'ଶକୁନ୍ତଳା'ର ପ୍ରତ୍ୟେକ ଚରିତ୍ର ସମାଜଧର୍ମୀ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଖଇରା, ୫।୧୨(ଡି.ଏନ.ଏ.)

### ଖଇରା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଆଲୋଚନାଚକ୍ର

ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ସ୍ୱାଗତ ଉତ୍ସବ ଓ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅରୁଣ କୁମାର ପାଢୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ୍ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। 'ଶକୁନ୍ତଳା ନାଟକରେ ସାମାଜିକ ଦିଗଦର୍ଶନ' ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ନିରଞ୍ଜନ ପଣ୍ଡା ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ୟୁଏନ କଲେଜର ବିଭାଗୀୟ ମୁଖ୍ୟ ସୁରେନ୍ଦ୍ର ପ୍ରସାଦ ଦଳେଇ ମୁଖ୍ୟଅତିଥି, ଇଂଲିଶ ଅଧ୍ୟାପକ ବନମାଳୀ ବାରିକ ମୁଖ୍ୟବକ୍ତା, ଓଡିଆ ପ୍ରାଧ୍ୟାପକ ଡ. ଲକ୍ଷ୍ମଣ ଶତପଥି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଖ୍ୟାତ କବି କାଳିଦାସଙ୍କ ରଚିତ ଶକୁନ୍ତଳା ନାଟକରେ ଦୁଷ୍ମନ୍ତ ଶକୁନ୍ତଳା ଓ ଅନ୍ୟାନ୍ୟ ଚରିତ୍ର ଅତ୍ୟନ୍ତ ଯୁଗପୋଯୋଗୀ ସମାଜଧର୍ମୀ ବୋଲି କହିଥିଲେ। ଏହା ପ୍ରେମରେ ଶାଳୀନତା ଓ ଗୋପନୀୟତା, ଜୀବଜନ୍ତୁଙ୍କ ପ୍ରତି ଦୟାଭାବ, ରାଜଧର୍ମ ପାଳନରେ ପ୍ରଜାଙ୍କ ପ୍ରତି ଦରଦୀ ମନୋଭାବ, ଚାରାରୋପଣ ମାଧ୍ୟମରେ ପରିବେଶ ପ୍ରତି ଉତ୍ତରଦାୟିତ୍ୱ ପ୍ରଦର୍ଶନ ଭଳି ବାର୍ତ୍ତା ସମାଜକୁ ପ୍ରଦାନ କରୁଥିବା ନେଇ ବକ୍ତାମାନେ ଉଲ୍ଲେଖ କରିଥିଲେ। ବିଭାଗୀୟ ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବଳଦ ମୁହଁରେ ଫୁଟିଲା ବୋମା

### ବାରହା ଶିକାର ନିମନ୍ତେ ରଖାଯାଇଥିଲା

କେନ୍ଦୁଝର,୫।୧୨(ସ୍ୱ.ପ୍ର.): କେନ୍ଦୁଝର ସଦର ରେଞ୍ଜ ଜଙ୍ଗିରା ସେକ୍ସନ ଅନ୍ତର୍ଗତ ସୋମଗିରି ବାରବାଙ୍କ ସଂରକ୍ଷିତ ଜଙ୍ଗଲ ନିକଟରେ ଗତ ଶନିବାର ଏକ ବଳଦ ମୁହଁରେ ବୋମା ଫୁଟି ଯାଇଛି। ମୁହଁଟି କ୍ଷତାକ୍ତ ହୋଇଥିବା ବେଳେ ଘଟଣାରେ ବନ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ସୋମବାର ସୋମଗିରି ଗ୍ରାମର ନିରଞ୍ଜନ ବାରିକ(୩୫)ଙ୍କୁ ଗିରଫ କରିଛି। ଜଙ୍ଗିରା ଫରେଷ୍ଟର ଶରତ ପଟ୍ଟନାୟକ ଘଟଣା ସ୍ଥଳରୁ ଏକ ଅଫୁଟା ବୋମା ମଧ୍ୟ ଜବତ କରି ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଯେ, ଉକ୍ତ ଜଙ୍ଗଲରେ ବାରହା ଶିକାର ପାଇଁ ବୋମା ରଖାଯାଇଥିଲା। ସେଠାରେ ବଳଦ ଚରୁଥିବା ସମୟରେ ଅଜଣାତରେ ଖାଇବା ବେଳେ ବୋମା ଫୁଟି ଯାଇଥିଲା। କେନ୍ଦୁଝର ବନ ଖଣ୍ଡରେ ଜଙ୍ଗଲ ଭିତରେ ଶିକାରୀମାନେ ଅବାଧରେ ପ୍ରବେଶ କରି ଶିକାର କରୁଛନ୍ତି। ମାତ୍ର ବିଭାଗ ସେମାନଙ୍କ ଉପରେ ଅଙ୍କୁଶ ଲଗାଇ ପାରୁନାହିଁ । ଫଳରେ ନିରୀହ ପ୍ରାଣୀ ମୃତାହତ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଉକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ ରହିଥିବା ବେଳେ ଅଘଟଣରୁ ବର୍ତ୍ତି ଯାଇଛନ୍ତି।

# ଆୟର ଉତ୍ସ ସାଜିଛି ଟିଏସ୍ଏଫ ପୋଖରୀ


ଫାର୍ମ ପଣ୍ଡ ନିକଟରେ ହୋଇଥିବା ଚାଷ।

### ଲାଭବାନ ହେଉଛନ୍ତି ଚାଷୀ

ଯୋଡ଼ା,୫।୧୨(ଡି.ଏନ.ଏ)

ଟାଟା ଷ୍ଟିଲ୍ ସିଏସଆର୍ ଶାଖା ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) ଯୋଡ଼ା ବ୍ଲକ୍ ଚାଷୀମାନଙ୍କୁ ଆୟର ଉତ୍ସ ପାଇଁ ପଥ ପ୍ରଦର୍ଶନ କରିଛି। ବ୍ଲକ୍ ଜଜାଙ୍ଗ ପଞ୍ଚାୟତ ଅଧୀନସ୍ଥ ବନ୍ଧୁଆବେ ଗ୍ରାମରେ ଟିଏସ୍ଏଫ ପକ୍ଷରୁ ୧୦ ଫାର୍ମ ପଣ୍ଡ (ଚାଷ ପାଇଁ ଉଦ୍ଦିଷ୍ଟ ପୋଖରୀ)ଖନନ କରାଯାଇଛି। ଚାଷୀମାନେ ଏଥିରେ ମାଛ ଚାଷ କରି ଅତିରିକ୍ତ ଆୟ କରିପାରୁଛନ୍ତି। ଶୀତ ଋତୁର ଆଗମନ ହୋଇଥିବା ବେଳେ ପୋଖରୀକୁ କୃଷି ଭିତ୍ତିକ ପ୍ରକଳ୍ପ ଏବଂ ପାରମ୍ପରିକ ଫସଲ ଚାଷ ପାଇଁ ମଧ୍ୟ ବ୍ୟବହାର କରାଯାଉଛି।

ଫାର୍ମ ପଣ୍ଡ ପଛରେ ଟିଏସ୍ଏଫ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ଷା ଜଳକୁ ଅମଳ କରି ଭୂତଳ ଜଳକୁ ରିଚାର୍ଜ କରିବା। ତାହାକୁ ଖୋଳାଯାଇଥିବା ଜମିରେ ସଂରକ୍ଷିତ ରଖି ଭୂତଳ ଜଳକୁ ପମ୍ପ ଜରିଆରେ ବାହାର ନ କରି ଭୂପୃଷ୍ଠ ଜଳ ଜରିଆରେ ଜଳସେଚନ ସୁବିଧା ପ୍ରଦାନ କରିବା। ସମନ୍ୱିତ କୃଷି ଜରିଆରେ ସମାଜକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ଏବଂ ମୌଳିକ ଖଣି ଗ୍ରାମକୁ କୃଷି ଭିତ୍ତିକ ଜୀବନଜୀବିକା (ଚାଷୀ ଓ ଅଣ-ଚାଷ)ର ପ୍ରସାର କରିବା ବୋଲି ଯୋଡ଼ା ଟିଏସ୍ଏଫ୍ ମୁଖ୍ୟ ରବିନ୍ଦ୍ର କୁମାର କହିଛନ୍ତି। ପୋଖରୀ ଯୋଗୁ ଆଉ ପାଣିର ସମସ୍ୟା ନ ଥିବାରୁ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ କିସମର ପନିପରିବା ଚାଷ କରିବାକୁ ଯୋଜନା କରିଥିବା ବନ୍ଧୁଆବେ ଗ୍ରାମର ଦାସରଥୀ ହାଁସଦା କହିଛନ୍ତି। ଉକ୍ତ ଗ୍ରାମର ଗୋପବନ୍ଧୁ ମାଝି ନିଜର ଏକ ପୋଖରୀ ହୋଇପାରିଥିବାରୁ ମତ୍ସ୍ୟଚାଷ କରିବାକୁ ଆଶା ରଖିଥିବା କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଆଉ ଜଣେ ଗିରଫ

ଗୋପବନ୍ଧୁ ନଗର,୫।୧୨(ଡି.ଏନ.ଏ.)

ବିବାହ ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସୋମବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରାଇପଦା ଗ୍ରାମର ଆଲୋକ ଜ୍ୟୋତି ନାୟକ। ଏହି ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ଚିରଞ୍ଜିବୀ ବେହେରାଙ୍କୁ ପୂର୍ବରୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଥିଲା।

ପୋଲିସ ସୂଚନା ଅନୁଯାୟୀ, ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ରାଇପଦା ଗ୍ରାମର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିବା ବେଳେ ନାବାଳିକା ଜଣକ ଏକାଧିକ ଯୁବକଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୪୨/୨୨) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଚିରଞ୍ଜିବୀଙ୍କୁ କୋର୍ଟଚାଲାଣ କରିଥିଲା। ସୋମବାର ତାଙ୍କର ଅନ୍ୟ ଜଣେ ସହଯୋଗୀ ଆଲୋକ ଜ୍ୟୋତିଙ୍କୁ ଗିରଫ କରିଛି।

# ଦୋକାନରେ ନିଆଁ ଲଗାଇଦେଲେ

କପ୍ତିପଦା,୫।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଶାଳଚୁଆ ଡାକବଙ୍ଗଳା ନିକଟରେ ଥିବା ଆଦିକନ୍ଦ ବାରିକଙ୍କ ତେଜରାତି ଦୋକାନରେ ରବିବାର ରାତିରେ କେହି ନିଆଁ ଲଗାଇଦେଇଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ବେଳେ ସେଠାରେ ଶୋଇଥିବା ଦୋକାନ ମାଲିକ ଆଦିକନ୍ଦ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସଞ୍ଜୟ ଜେନା ନାମକ ଯୁବକଙ୍କୁ ଆଦିକନ୍ଦ ବାକି ଟଙ୍କା ମାଗିବାରୁ ବଚସା ହୋଇଥିଲା। ସଞ୍ଜୟ ରାଗିଯାଇ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଦୋକାନରେ କିଏ ନିଆଁ ଲଗାଇଲେ, ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଥାନାରେ ମାମଲା ରୁଜୁ ହୋଇଛି।

# ଜାତୀୟ ରାଜପଥରେ ହାତୀପଲ

### ପଥର ନ ମାରିବାକୁ ନିବେଦନ କଲା ବନ ବିଭାଗ

ଢେଙ୍କିକୋଟ,୫।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ଅନ୍ତର୍ଗତ ପିପିଳିଆରେ ୨୩ ଟିକିଆ ହାତୀପଲ ବୁଲୁଛନ୍ତି। ସୋମବାର ପଲ ଜାତୀୟ ରାଜପଥ ନଂ. ୨୦ ପାର ହୋଇଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଜାମ ହୋଇଯାଇଥିଲା। ପାଟଣା ରେଞ୍ଜରୁ ପଲ ୩ ଦିନ ହେବ ଆସିଥିବା ବନ ବିଭାଗ କହିଛି। ପଲରେ ୨୪ ହାତୀ ଆସିଥିବା ବେଳେ ଗୋଟିଏ ଗୋଠଛଡ଼ା ହୋଇଥିବାରୁ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି।

ପଲ ଭୋଲବେଡ଼ା, କଟ୍ରାବେଡ଼ା, ଲକ୍ଷ୍ମୀପଶି, ଟିକିଣିଆ ଦେଇ ପିପିଳିଆ ଘାଟିମଙ୍ଗଳା ହୁଡ଼ିରେ ପହଞ୍ଚିଥିଲେ। ଜଙ୍ଗଲରେ କଡ଼ରେ ଥିବା ଧାନକ୍ଷେତ ଦଳି ନଷ୍ଟ କରି ଦେଇଛନ୍ତି। ପଲ ସୋମବାର ଜାତୀୟ ରାଜପଥ ୨୦ ନଂ.କୁ ପାର ହୋଇ ପିପିଳିଆ ତଳହୁଡ଼ି ମହାନ୍ତ ବସ୍ତି ନିକଟ ଜଙ୍ଗଲରେ ଅଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ଶିବନାରାୟଣ ଦେବ କହିଛନ୍ତି, ହାତୀପଲ ଜଙ୍ଗଲ କଡ଼ରେ ଥିବା ଜମିରେ ଚାଷ ହୋଇଥିବା ଧାନ କ୍ଷେତ ନଷ୍ଟ କରିଛନ୍ତି। ଘଟଗାଁ ରେଞ୍ଜର ପ୍ରଭାତ କୁଅଁର କହିଛନ୍ତି, ହାତୀପଲ ଦ୍ୱାରା ହେଉଥିବା କ୍ଷତି ଆକଳନ କରି ଜନସାଧାରଣଙ୍କୁ କ୍ଷତିପୁରଣ ଦିଆଯିବ। ପଲଙ୍କୁ ଟେକା ପଥର ନ ମାରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ହାତୀପଲ ଦେଖିଲେ ବନ ବିଭାଗକୁ ଖବର ଦେବାକୁ କହିଥିଲେ। ପ୍ରକାଶ ଯେ, ଘଟଗାଁ ରେଞ୍ଜର ପିପିଳିଆରେ ୨୩, ଦେଓବନ୍ଧରେ ୧୨, ବାଇଗଣପାଳରେ ୬ ମୋଟ ୪୧ ହାତୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।


ହାତୀପଲ ରାଜପଥ ଅତିକ୍ରମ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ପାପାଲି


@ସଂଯୁକ୍ତା


@ଅସ୍ମା


@ସପନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଯାତ୍ରୀବାହୀ ବସ୍ ଓଲଟି ୧୦ ଆହତ

ତେଲକୋଇ,୫।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅନ୍ତର୍ଗତ କୁଆଁର ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ବସ୍‌ଟି ରାସ୍ତାଗଡ୍ଡୁ ଓଏଟି ପଡ଼ିଥିବା ବେଳେ ୧୦ଯାତ୍ରୀ ଆହତ ହୋଇଛନ୍ତି। ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଛି। ସୂଚନା ମୁତାବକ, ସୋମବାର ସକାଳୁ ଅମ୍ବା ନାମକ ବସଟି ଢେଙ୍କାନାଳ କାମାକ୍ଷାନଗରରୁ କେନ୍ଦୁଝର ଅଭିମୁଖେ ଯାଉଥିଲା। ୪୯ ନଂ. ଜାତୀୟ ରାଜପଥ କୁଆଁର ଛକ ନିକଟରେ ଭାରସାମ୍ୟ ହରାଇ ସୁରକ୍ଷା ବାଡ଼ ଭାଙ୍ଗି ଓଲଟି ପଡ଼ିଥିଲା। ଫଳରେ ୧୦ ଯାତ୍ରୀ ଆହତ ହୋଇଥିଲେ। କାଞ୍ଜିପାଣି ପୁଲିସ ପହଞ୍ଚି ସମସ୍ତଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବସ୍‌ରେ ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀଥିବା ବେଳେ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ଏନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଜବରଦଖଲରେ ଅସୁରାଳି ସ୍ୱାସ୍ଥ୍ୟକେନ୍ଦ୍ର

### ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଧାମନଗର, ୫।୧୨ (ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଅସୁରାଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ୟା ଲାଗିରହିଛି। ଆବଶ୍ୟକ ଗୃହ, କର୍ମଚାରୀଙ୍କ କ୍ୱାର୍ଟର୍ସ ଏବଂ ପାଚେରି ନ ଥିବାବେଳେ ଜବରଦଖଲ ହେବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଏସବୁ ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜବରଦଖଲ ହୋଇଥିବା ମେଡିକାଲ ଜାଗାକୁ ଅବରୋଧ ମୁକ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

୧୯୬୨ରେ ତତ୍କାଳୀନ ଜମିଦାର କେଶବ ପାଣିଗ୍ରାହୀ ଅସୁରାଳିରେ ମେଡିକାଲ ପାଇଁ ଜାଗା ଦେବା ସହ ଦୁଇଟି ପକ୍କାଗୃହ ନିର୍ମାଣ କରି ହସ୍ତାନ୍ତର କରିବା ପରେ ପାର୍ବତୀ ସ୍ୱାସ୍ଥ୍ୟ ନିବାସ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ଅନୁଦାନପ୍ରାପ୍ତ ହୋଇ ଅସୁରାଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ନାମିତ ହୋଇଥିଲା। ଅଦ୍ୟାବଧି ଅସୁରାଳି ଅଞ୍ଚଳକୁ ଲାଗିରହିଥିବା ବହୁ ପଞ୍ଚାୟତର ଲୋକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏବେ ଜାଗାକୁ ବିଭିନ୍ନ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏଥିସହ ପାଚେରି ନ ଥିବାରୁ ରାତିରେ ଏଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ବିଭିନ୍ନ ପଦବୀ ଖାଲି ପଡ଼ିଥିବା ବେଳେ ଡାକ୍ତର ଅଭାବ ଯୋଗୁ ରୋଗୀସେବା ଏକପ୍ରକାର ଠପ୍ ହୋଇଯାଇଛି। ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ରାତିରେ ଫାର୍ମାସିଷ୍ଟ କିମ୍ବା ଷ୍ଟାଫନର୍ସ କେହି ରହୁନାହାନ୍ତି। ଫଳରେ ରାତ୍ରିକାଳୀନ ସ୍ୱାସ୍ଥ୍ୟସେବା ସମ୍ଭବ ହୋଇପାରୁନି। ଏବେ ଆୟୁଷ୍ମାନ ଭାରତ ଯୋଜନାରେ ହେବାକୁ ଥିବା ନୂତନ ମେଡିକାଲ ଗୃହ ନିର୍ମାଣ ପାଇଁ ଠିକାଦାର ସ୍ଥାନୀୟ ଲୋକପ୍ରତିନିଧି କିମ୍ବା ଲୋକଙ୍କ ପରାମର୍ଶ ବିନା ଜମିଦାରଙ୍କ ଦ୍ୱାରା ନିର୍ମିତ ଗୃହକୁ ଭାଙ୍ଗିବା ଘଟଣା ଏଠାରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ରାଜନୈତିକ କରଣ କରାଯାଉଥିବାରୁ ବିବାଦୀୟ ସ୍ଥିତି ଦେଖାଦେଇଛି। ଅସୁରାଳିର ପୂର୍ବତନ ସମିତିସଭ୍ୟ ପ୍ରତାପ ଚନ୍ଦ୍ର ପରିଡ଼ା, ସାମାଜିକ କର୍ମୀ ସୂରଜ ସାହୁ, ସନ୍ତୋଷ ସାହୁ, ନିହାର ରଞ୍ଜନ ଦାସ, ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମାଧାନ ନ ହେଲେ ଜନଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

